# ସରଳ ନିରହଂକାରୀ ଓ ନିଷ୍କପଟ ବ୍ୟକ୍ତିତ୍ୱ



**ଅମର ପ୍ରସାଦ ଶତପଥୀ**

ପୂର୍ବତନ ମନ୍ତ୍ରୀ, ଓଡ଼ିଶା

ସେବା, ସମର୍ପଣ, ସାଧୁତା ଓ ନିର୍ଦ୍ଦିଷ୍ଟ ବିଚାରବୋଧକୁ ପାଥେୟ କରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବା ଏକ ସାଧନା। କ୍ଷମତାର ଅଳନ୍ଦି ମଧ୍ୟରେ ରାଜନୀତି କରିବା ସହଜ, ସୁଲଭ ଓ ଗତାନୁଗତିକ। ସ୍ରୋତର ପ୍ରତିକୂଳରେ ଯାଇ ସଂଘର୍ଷ, ସମର୍ପଣ ଓ ମୂଲ୍ୟବୋଧଭିତ୍ତିକ ରାଜନୀତି କରିବା ବ୍ୟକ୍ତିଙ୍କ ସଂଖ୍ୟା ସୀମିତ। କ୍ଷମତା ମିଳୁ ବା ନମିଳୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଆଞ୍ଚଳିକ ଦର୍ଶନ ପାଇଁ କାର୍ଯ୍ୟପନ୍ଥା ବାଛିନେବା ବ୍ୟକ୍ତିମାନଙ୍କ ମଧ୍ୟରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼ଃ ଦେବେନ୍ଦ୍ର ପ୍ରଧାନ ଅନ୍ୟତମ।

୧୯୭୯ ମସିହାରେ କେନ୍ଦ୍ରରେ ପ୍ରଥମ କରି ମୋରାରଜୀ ଭାଇ ଦେଶାଇଙ୍କ ନେତୃତ୍ୱରେ ଗଠିତ ଅଣକଂଗ୍ରେସର ଶାସନର ପତନ ପରେ, ଦେଶରେ ତତ୍କାଳୀନ ଜନତା ପାର୍ଟି ବିଭାଜିତ ହେଲା। ଏକ ବିଚିତ୍ର ରାଜନୈତିକ ପରିସ୍ଥିତି ସୃଷ୍ଟି ହେଲା। ଖଣ୍ଡ ବିଖଣ୍ଡିତ ଅଣକଂଗ୍ରେସ ଦଳର ପାଉଁଶ ଗଦାରୁ ଅସ୍ଥି ଓ ଶକ୍ତି ସଂଗ୍ରହ କରି ରାଷ୍ଟ୍ରବାଦ ମନ୍ତ୍ରରେ ଦୀକ୍ଷିତ ନୂତନ ରାଜନୈତିକ ସଂଗଠନ 'ଭାରତୀୟ ଜନତା ପାର୍ଟି' ଜନ୍ମ ନେଲା। ଓଡ଼ିଶାରେ ଏହି ରାଜନୈତିକ ମତବାଦରେ ବିଶ୍ୱାସୀ ସଂଗଠନର ମୂଳଦୂଆ ପକାଇବାରେ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଭଳି ବ୍ୟକ୍ତିମାନଙ୍କ ତ୍ୟାଗ ତପସ୍ୟା ଓ ସାଧନାର ଫଳସ୍ୱରୂପ ୨୦୨୪ ନିର୍ବାଚନରେ ୨୧ଟି ଲୋକସଭା ଆସନରୁ ୨୦ଜଣ ସଦସ୍ୟ ନିର୍ବାଚିତ ହେଲେ ଓ ରାଜ୍ୟର ପ୍ରଥମ ବିଜେପି ସରକାର ଗଠିତ ହୋଇଅଛି।

ବିଜେପି ରାଜ୍ୟ ଶାଖାର ସଭାପତି ଓ ରାଷ୍ଟ୍ରୀୟ ଉପସଭାପତି ପଦର ଦାୟିତ୍ୱ ସମ୍ପନ୍ନ କରି ସାଙ୍ଗଠନିକ ଦଳର ଶକ୍ତି ବୃଦ୍ଧି କରିବା ଡ଼ଃ. ପ୍ରଧାନଙ୍କ ପାଇଁ ଏକ ଆହ୍ୱାନ ଥିଲା। କ୍ରମାଗତ ସଂଘର୍ଷର ପାହାଚ ପରେ ପାହାଚ ଅତିକ୍ରମ କରି ୧୯୯୮ ମସିହାରେ ଦେଓଗଡ଼ ଲୋକସଭା ଆସନରୁ ସେ ନିର୍ବାଚିତ ହୋଇ ପରବର୍ତ୍ତୀ ସମୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଗଠିତ ସରକାରରେ ଭୂପୃଷ୍ଠ ପରିବହନ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ରାଷ୍ଟ୍ରମନ୍ତ୍ରୀ ଭାବେ ଓଡ଼ିଶାର ରାଜପଥର ସଂଖ୍ୟାବୃଦ୍ଧି, ଉନ୍ନତିକରଣ ଓ ଏକାଧିକ ନୂତନ ଜାତୀୟ ରାଜପଥକୁ ସାମିଲ କରିବାଠାରୁ ଆରମ୍ଭ କରି ନୂତନ କୃଷି ବିଜ୍ଞାନ ପ୍ରତିଷ୍ଠା, ପଶୁପାଳନ ଓ ମତ୍ସ୍ୟଚାଷର ବିକାଶ ପାଇଁ ଉଦ୍ଦିଷ୍ଟ ଭୁବନେଶ୍ୱରଠାରେ ଗବେଷଣା କେନ୍ଦ୍ର ଆଣିଦେବାରେ ଡ଼ଃ. ପ୍ରଧାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ୱାକ୍ଷର ସ୍ପଷ୍ଟ ଓ ଜାଜ୍ଜ୍ୱଲ୍ୟମାନ।

ମୋର ସୌଭାଗ୍ୟ ଡ଼ଃ ଦେବେନ୍ଦ୍ର ପ୍ରଧାନ କେନ୍ଦ୍ରରେ କୃଷି ରାଷ୍ଟ୍ରମନ୍ତ୍ରୀ ଥିବା ଅବଧିରେ ମୁଁ ଓଡ଼ିଶା ନବଗଠିତ ବିଜେଡ଼ି ଶାସନରେ କୃଷି ବିଭାଗ ଦାୟିତ୍ୱରେ ଥାଇ ତାଙ୍କ ମାର୍ଗଦର୍ଶନ ଓ ସହଯୋଗ ଲାଭ କରିବାରେ ସମର୍ଥ ହୋଇଥିଲି। ତାଙ୍କ ପରିବାର ସହ ମୋର ସଂପର୍କ ନୀବିଡତର ହୋଇଥିଲା। ଓଡ଼ିଶାର ଭିତ୍ତିଭୂମୀ ବିକାଶ କ୍ଷେତ୍ରରେ ଆବଶ୍ୟକୀୟ ସହଯୋଗ କେନ୍ଦ୍ର ସରକାରଙ୍କଠାରୁ ମିଳୁନଥିବାବେଳେ ଡ଼ଃ ପ୍ରଧାନଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ପ୍ରତିବଦ୍ଧତା ଫଳରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କୃଷିବିଜ୍ଞାନ ପ୍ରତିଷ୍ଠା ଗବେଷଣା ପାଇଁ ଏକାଧିକ କେନ୍ଦ୍ରୀୟ ଅନୁଷ୍ଠାନକୁ ଭୁବନେଶ୍ୱର ଆଣିବା, ଜାତୀୟ ରାଜପଥ ସଂଖ୍ୟାକୁ ୧୬୦୦କି.ମି.କୁ ଦ୍ୱିଗୁଣିତ କରିବା ଅବିଶ୍ୱାସନୀୟକୁ ଫଳବତୀ କରିବାରେ ସେ ସଫଳ ବିନ୍ଧାଣୀ।

କୁହାଯାଏ ପିତାମାତାଙ୍କ ସୁକୃତରୁ ସନ୍ତାନସନ୍ତତିମାନେ ବେଶ୍ ଆଗକୁ ଯାଇଥାନ୍ତି। ଏହି ଆପ୍ତବାକ୍ୟ ପ୍ରମାଣିତ ହୋଇଛି ଡ଼ଃ. ପ୍ରଧାନଙ୍କ ପରିବାର କ୍ଷେତ୍ରରେ। ତାଙ୍କ ସୁପୁତ୍ର ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇ ଦୀର୍ଘ ଦିନ ଧରି ଦେଶ ବିକାଶରେ ନୂତନ ଦିଗନ୍ତ ସୃଷ୍ଟି କରିବାରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶାରୁ ସର୍ବାଧିକ ସମୟ କେନ୍ଦ୍ର କ୍ୟାବିନେଟରେ ପ୍ରତିନିଧିତ୍ୱ କରି ସେ ରେକର୍ଡ ସୃଷ୍ଟି କରିଛନ୍ତି। ଓଡ଼ିଶା ସମେତ ଦେଶବାସୀଙ୍କ ଭବିଷ୍ୟ ଦୃଷ୍ଟି ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ରହିଅଛି।

ଡ଼ଃ. ଦେବେନ୍ଦ୍ର ପ୍ରଧାନ ସମସ୍ତ କ୍ଷମତା, ପ୍ରତିଷ୍ଠା ଲାଭ କଲାପରେ ଗର୍ବ ଅହଂକାର ତାଙ୍କ କାୟାକୁ ସ୍ପର୍ଶ କରିପାରି ନ ଥିଲା। ସରଳ, ନିରଳସ, ନିଷ୍କପଟ, ନିରଅହଂକାର ବ୍ୟକ୍ତି ଭାବରେ ସମାଜର ସବୁ ବର୍ଗର ବ୍ୟକ୍ତିଙ୍କ ଶ୍ରଦ୍ଧା ଓ ସମ୍ମାନ ଲାଭ କରିବାରେ ସେ ସମର୍ଥ ହୋଇଛନ୍ତି। ଭାରତମାତାର ଜଣେ ସମର୍ପିତ ସେବକ ଭାବରେ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇ ରହିଛନ୍ତି। ତାଙ୍କ ମୃତ୍ୟୁରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଲୋକସଭା ବାଚସ୍ପତି, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ଓ ସମବେଦନା ପ୍ରକାଶ କରିବା, ରାଷ୍ଟ୍ରଭକ୍ତି ମନ୍ତ୍ରରେ ଦୀକ୍ଷିତ ଜଣେ ସଫଳ ସେବକ ପ୍ରତି ଯଥାର୍ଥ ସମ୍ମାନ।

ଦଳମତ, ରାଜନୈତିକ ବିଚାର ଉର୍ଦ୍ଧ୍ୱରେ ରହି ତାଙ୍କ ସୁପୁତ୍ର ଧର୍ମେନ୍ଦ୍ର ପ୍ରଧାନଙ୍କ ଚନ୍ଦ୍ରଶେଖରପୁରସ୍ଥିତ ବାସଭବନଠାରୁ ଆରମ୍ଭ କରି ପୁରୀ ସ୍ୱର୍ଗଦ୍ୱାରରେ ପାର୍ଥିବ ଶରୀରର ଶେଷ ଦର୍ଶନ ପାଇଁ ବ୍ୟାକୁଳତା ପ୍ରକାଶ କରିବା ପ୍ରମାଣିତ କରିଛି, କୌଣସି ସାଧନା ବ୍ୟର୍ଥ ହୁଏ ନାହିଁ, ଏହା ବିଧି ନିର୍ଦ୍ଦେଶିତ। ପୁରୀର ସ୍ୱର୍ଗଦ୍ୱାରରେ ଡ଼ଃ. ପ୍ରଧାନଙ୍କ ମର ଶରୀର ପଞ୍ଚଭୂତରେ ଲୀନ ହେଲେ ହେଁ ତାଙ୍କ କୃତି ଓ କୀର୍ତ୍ତି ଚିର ଜାଜ୍ଜ୍ୱଲ୍ୟମାନ ରହିବ। ସ୍ୱର୍ଗତ ଆତ୍ମା ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ।

# ଡାକ୍ତର ଦେବେନ୍ଦ୍ର ପ୍ରଧାନ: ଯଶୋଦେହେ ଆୟୁଷ୍ମାନ



**ଡକ୍ଟର ଅରବିନ୍ଦ ରାୟ**

ପଞ୍ଚଭୂତରେ ଗଢା ଏ ଶରୀର ଦିନେନା ଦିନେ ନଷ୍ଟ ହୋଇଯିବ। କାରଣ ତାହା ପ୍ରକୃତିର ଅଧିନ। ଏ ଧରା ପୃଷ୍ଠରେ ଜନ୍ମଗ୍ରହଣ କରିଥିବା ସବୁ ମଣିଷଙ୍କର ସେହି ଉପାୟରେ ଶରୀର ପଞ୍ଚଭୂତରେ ଲୀନ ହୋଇଯାଏ। କିନ୍ତୁ ମୃତ୍ୟୁ ସବୁ ମଣିଷଙ୍କ କୀର୍ତ୍ତିକୁ ଜୟ କରିପାରେନାହିଁ। ସେମାନଙ୍କ ଶରୀର ଆମ ସ୍ଥୂଳ ଦୃଷ୍ଟିରୁ ଅନ୍ତର ହୋଇଯାଇଥିଲେ ବି ସେମାନଙ୍କ କୀର୍ତ୍ତି ସେମାନଙ୍କୁ କାଳୋତ୍ତୀର୍ଣ୍ଣ ତଥା ଅମର କରି ରଖିଥାଏ। ସେମିତି ଜଣେ ରାଷ୍ଟ୍ରଭକ୍ତ ଦେବୋପମ ବ୍ୟକ୍ତିତ୍ୱ ଥିଲେ ଡାକ୍ତର ଦେବେନ୍ଦ୍ର ପ୍ରଧାନ।

୧୯୫୧ ଜୁଲାଇ ୧୬ ତାରିଖରେ ସ୍ୱର୍ଗତ ମହେଶ୍ୱର ପ୍ରଧାନଙ୍କ ଔରଷରୁ, ସ୍ୱର୍ଗତା ଚନ୍ଦ୍ରମା ଦେବୀଙ୍କ କୋଳମଣ୍ଡନ କରିଥିଲେ ଦେବେନ୍ଦ୍ର। ତାଳଚେରର ନାଲମ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ଆରମ୍ଭ କରି ଅନୁଗୋଳ ମହାବିଦ୍ୟାଳୟରେ ଆଇଏସି ପଢିବା ପରେ ସେ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଏମବିବିଏସ ଡିଗ୍ରୀ ପାଇଥିଲେ। ୧୯୬୭ ମସିହାରେ ସେ ତାଳଚେରସ୍ଥିତ ଡେରା କୋଲିୟାରୀରେ ଡାକ୍ତରୀ ସେବାରେ ନିଯୁକ୍ତ ହୋଇଥିଲେ। ପିଲାଟି ଦିନରୁ ରାଷ୍ଟ୍ରବାଦୀ ସ୍ୱାଧୀନଚେତା ଥିବା ଦେବେନ୍ଦ୍ର ପ୍ରଧାନ ସ୍ପଷ୍ଟ ଭାବେ କହିଲେ ଲୋକଙ୍କ ସେବା ମୋର ଧର୍ମ। ଡାକ୍ତରୀ ପେଶାରେ ପେଟ ନପୂରିଲେ ମୁଁ ପଛେ ଚାଷବାସ କରିବି କିନ୍ତୁ ଦେଶସେବା ଓ ଜନସେବା ସ୍ୱାଧୀନ ଭାବେ କରିବି। ଏହିପରି ଚେତନା ଯେତେବେଳେ ତାଙ୍କୁ ଆଚ୍ଛନ୍ନ କଲା, ସେ ମାତ୍ର ଛଅ ବର୍ଷ ପରେ ସରକାରୀ ଡାକ୍ତର ପଦବୀ ଛାଡି ନିଜେ ଏକ କ୍ଲିନିକ ଆରମ୍ଭ କଲେ। ସମାଜର ଅସହାୟ, ଗରିବ ରୋଗୀଙ୍କ ପାଇଁ ସେ ଥିଲେ ତ୍ରାଣକର୍ତ୍ତା। ନିଜର ଛୋଟିଆ କ୍ଲିନିକରେ ଜନସେବା କରୁଥିବା ଦେବଦୂତ ଦେବେନ୍ଦ୍ର ପୁଣି ଚିନ୍ତା କଲେ-ଏଇ ଡାକ୍ତରୀ ବୃତ୍ତିରେ ମୁଁ ଅବା କେତେ ଜନତାଙ୍କ ସେବା କରିପାରିବି। ମୋ ଦେଶର, ମୋ ସମାଜର ଏକ ବୃହତ୍ତ ଭାଗ ଅବହେଳିତ ତଥା ନିର୍ଯାତିତ ଅବସ୍ଥାରେ ଥିବା ବେଳେ ତାଙ୍କପାଇଁ ମୋର ଏହି ସୀମିତ ସେବା କି ଉପକାର କରିବ। ଏହି ପର୍ଯ୍ୟାୟରେ ତାଙ୍କୁ ଆକୃଷ୍ଟ କଲା ସ୍ୱୟଂ ସେବକର ୫ଟି ପ୍ରମୁଖ ସଂକଳ୍ପ। ତାହା ହେଲା, ବ୍ୟକ୍ତି ନିର୍ମାଣ, ଚରିତ୍ର ନିର୍ମାଣ, ଭାରତୀୟ ସଂସ୍କୃତିର ଗର୍ବବୋଧ, ଆତ୍ମ ବଳିଦାନ ଓ ସେବା। ଡାକ୍ତର ଦେବେନ୍ଦ୍ର ପ୍ରଧାନ ଏହି ସଂକଳ୍ପକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଲେ। ଜୀବନରେ ତାଙ୍କ ହାତକୁ ସମ୍ପତ୍ତି ଆସିଛି, ଯଶ ଆସିଛି, ପ୍ରଭାବ ଆସିଛି, ସେ କିନ୍ତୁ ନିର୍ବିକାର ଭାବେ ସେସବୁକୁ ଏଡାଇ ଯାଇ ଏକ ସନ୍ଥ ଜୀବନ ଜୀଇଁବାକୁ ପସନ୍ଦ କରିଛନ୍ତି। ଯେଉଁ ସମୟରେ ସରକାରୀ ଡାକ୍ତର ହେବା ସମାଜରେ ବହୁ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା ସେତେବେଳେ ସେ ତାକୁ ଏଡାଇ ଦେଇ ରାଷ୍ଟ୍ରର ଓ ରାଷ୍ଟ୍ର ଜନତାଙ୍କ ସେବା କରିବା ପାଇଁ ଚାଉଳ ଚୁଡ଼ା ଗଣ୍ଠିଲି ଧରି ଘରୁ ବାହାରିଗଲେ। ଏପରି ଦେଶ ସେବକଙ୍କୁ ସନ୍ଥ କୁହାଯିବ ନାହିଁ ତ ଆଉ କ'ଣ!

୧୯୮୦ ମସିହାରେ ଯେତେବେଳେ ଭାରତୀୟ ରାଜନୀତିରେ ଭାରତୀୟ ଜନତା ପାର୍ଟିର କ୍ଷୀଣ ପାଦ ଶବ୍ଦ ଶୁଭୁଥିଲା, ସେତେବେଳେ ଦେବେନ୍ଦ୍ର ପ୍ରଧାନଙ୍କ ପରି ରାଷ୍ଟ୍ରବାଦୀ ଜନସେବକ, କ୍ଷମତା ପାଇଁ ନୁହେଁ ଦେଶସେବା ପାଇଁ ଦୃଢ଼ ପାଦରେ ଠିଆ ହୋଇଗଲେ। ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ସେ ଦ୍ୱିତୀୟ ରାଜ୍ୟ ସଭାପତି ହେବା ସହ ସର୍ବଭାରତୀୟ ଉପାଧ୍ୟକ୍ଷ ଭାବେ ନିଜ ସାଙ୍ଗଠନିକ ଦକ୍ଷତା ପ୍ରତିପାଦନ କରିଛନ୍ତି। ସେ ମହାନୁଭବଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ସୂକ୍ଷ୍ମ ସମୟର ହୋଇଥିଲେ ମଧ୍ୟ ମୋର ତାହା ଗଭୀର ଭାବେ ପ୍ରଚୋଦିତ କରେ।

୧୯୮୯ ମସିହାରେ ମୁଁ ଓକିଲାତି କରୁଥିବା ସମୟରେ ଆମ ଜଗତସିଂହପୁରର ବିଶିଷ୍ଟ ଓକିଲ ସଂଗ୍ରାମ ମହାନ୍ତି ଭାରତୀୟ ଜନତା ପାର୍ଟି ତରଫରୁ ଜଗତସିଂହପୁର ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହେଲେ। ସେତେବେଳେ ଢେଙ୍କାନାଳର ପବିତ୍ର ଦାଶ ଆମର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ପବିତ୍ର ଭାଇଙ୍କ ସହ ଆମେ ନିୟମିତ ଶାଖାକୁ ଯାଉଥିବା ସମୟରେ ସେ ଆମକୁ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ୱାର୍ଥତ୍ୟାଗ କଥା କହୁଥାନ୍ତି। ପବିତ୍ର ଭାଇଙ୍କ ଠାରୁ ଏପରି ଜଣେ ନିଃସ୍ୱାର୍ଥପର ଦେଶସେବକ ଡାକ୍ତରଙ୍କ କଥା ଶୁଣି ତାଙ୍କୁ ଭେଟିବାକୁ ଇଚ୍ଛା ହେଉଥାଏ। ସଂଗ୍ରାମ ମହାନ୍ତି ନିର୍ବାଚନରେ ବିଜେପି ପ୍ରାର୍ଥୀ ହେବା ପରେ ମୋ ପରି କେତେଜଣ ଯୁବ ଓକିଲଙ୍କ ଉପରେ ପ୍ରଚାର ଦାୟିତ୍ୱ ରହିଲା। ସେତିକିବେଳେ ସଂଗ୍ରାମ ବାବୁଙ୍କ ପରାମର୍ଶକ୍ରମେ ଆମେ ଭେଟିଥିଲୁ ଭୁପେନ ବସୁଙ୍କୁ, ନଗେନ୍ଦ୍ର ପ୍ରଧାନଙ୍କୁ ଓ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ। ଦେବେନ୍ଦ୍ର ପ୍ରଧାନ ଦେଖୁ ଦେଖୁ ହସହସ ମୁହଁରେ ପଚାରିବେ କଣ ଖାଇଛ କି ନାହିଁ? ଥରେ ନୁହେଁ ଏକାଧିକବାର ତାଙ୍କ ସହ ଦେଖାହୋଇଛି। ଆମେ ଶାଖା ଓ ଜନସମ୍ପର୍କ କାମ କେମିତି କରୁଛୁ, ସେକଥା ପଚାରିବେ ଓ ଖାଇବା କଥା ବୁଝିବେ। ସେ ମଣିଷର ପେଟ ଚିହ୍ନୁଥିଲେ।

ସେ ମରଶରୀର ତ୍ୟାଗ କରି ସମାଧିସ୍ଥ ହେବା ପରେ ଭାରତର କୋଣ ଅନୁକୋଣରୁ ଓଡ଼ିଶାର ପ୍ରତିଟି କୋଣରୁ ଯେପରି ଶୋକାକୁଳ ଜନତା ତାଙ୍କ ଶେଷ ଦର୍ଶନ ପାଇଁ ଧାଇଁ ଆସିଲେ,ତାହା ପ୍ରମାଣିତ କରୁଥିଲା ତାଙ୍କ ଋଷିଜୀବନର ମହାନତାକୁ। ଜାତି-ଧର୍ମ-ଦଳ-ମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଲୁହ ଛଳ ଛଳ ଆଖିରେ ବିଦାୟ ଦେଲାବେଳେ ମୋର ମନେ ପଡୁଥିଲା, ଏକଦା କବିସୂର୍ଯ୍ୟ ବଳଦେବ ରଥଙ୍କ ମୃତ୍ୟୁ କଥା ମନେ ପକାଇ କବିବର ରାଧାନାଥ ରାୟ ଲେଖିଥିବା ଦୁଇଧାଡି-

**ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ**
**ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ।**

ଡାକ୍ତର ଦେବେନ୍ଦ୍ର ପ୍ରଧାନ ଯଥାର୍ଥରେ ଯଶୋଦେହରେ ଆୟୁଷ୍ମାନ ହୋଇ ରହିଛନ୍ତି। ତାଙ୍କ ମାଟି ଦେହ କ୍ଷଣଭଙ୍ଗୁର। ତାହା ମାଟିରେ ଓ ମହୋଦଧିରେ ବିଲୀନ ହୋଇଯାଇଛି। କିନ୍ତୁ ସାରାଜୀବନ ଜଣେ ଯୋଗୀ ସାଧକ ପରି ସେ ଯେଉଁ ସାଧନା କଲେ, ତାହାର ଫଳସ୍ୱରୂପ ସେ ଅଗଣିତ ଜନତାର ହୃଦୟରେ ସାରାକାଳ ଅମର ହୋଇ ରହିଗଲେ। ତେଣୁ ଦେବେନ୍ଦ୍ର ପ୍ରଧାନଙ୍କ ତିରୋଧାନ ଓଡ଼ିଆ ଜନଜୀବନରେ ଏକ ସେବା ଓ ସାଧାନାର ତିରୋଧାନ କ୍ଷଣ ହୋଇ ଲିପିବଦ୍ଧ ହୋଇ ରହିବ ସିନା-ତାଙ୍କ ଅମର ଜୀବନକୁ ମହାକାଳ କ୍ଷୟ କରିପାରିବ ନାହିଁ।

ମୋ: ୯୪୩୭୩୦୨୫୫୩

# ରାଜ୍ୟ ସରକାରଙ୍କ ଶ୍ୱେତପତ୍ର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି

■ ଭୁବନେଶ୍ୱର, ତା୨୬।୩(ପିଏନଏସ) ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ଶ୍ୱେତପତ୍ର ଉପରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରତିକ୍ରିୟା ଦେଇ ରାଜ୍ୟ ସରକାରଙ୍କ ମୁଖା ଖୋଲିଛନ୍ତି। ଶ୍ୱେତପତ୍ରରେ ପ୍ରଦାନ କରାଯାଇଥିବା ତଥ୍ୟକୁ ଉଦ୍ଧାର କରି କିପରି ରାଜ୍ୟ ସରକାର ବିଭିନ୍ନ ବିଭାଗରେ ପ୍ରାବଧାନ ଅର୍ଥକୁ ଖର୍ଚ୍ଚ କରିବାରେ ବିଫଳ ଓ ରାଜ୍ୟର ଆଇନ ଶୃଙ୍ଖଳା କିପରି ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ।

ଶ୍ରୀ ସ୍ୱାଇଁ କହିଥିଲେ, ଗୃହ ବିଭାଗ ପାଇଁ ପ୍ରାବଧାନ କରାଯାଇଥିବା ଅର୍ଥରୁ ମାତ୍ର ୬୭. ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ଶ୍ୱେତପତ୍ରରେ ଉଲ୍ଲେଖ ରହିଛି। ଅର୍ଥାତ ୨, ୧୫୪ କୋଟି ଟଙ୍କା ମଧ୍ୟରୁ ମାତ୍ର ୧,୪୫୩ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି। ତେଣୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାରେ ଏହା ପ୍ରତିଫଳିତ ହୋଇଛି।

ଶ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି କିପରି ଅଛି ବୋଲି ଜାଣିବା ପାଇଁ ବିଶେଷ ଅନୁସନ୍ଧାନର ଆବଶ୍ୟକତା ନାହିଁ। ଗାଁ ପରିମଳ ଧୋବା ତୁଠରୁ। ବିଧାନସଭା ଓ ଏହାର ପରିସରରେ ଆଇନ ଶୃଙ୍ଖଳା ସ୍ଥିତି କିପରି ରହିଛି, ତାହା ରାଜ୍ୟବାସୀ ଗତ କିଛି ଦିନ ହେଲା ଦେଖି ଆସୁଛନ୍ତି। ଏହି କିଛି ଦିନ ତଳେ ରାଜ୍ୟରେ ହୋଲି ପାଳନ ସମୟରେ କଟକ ଭୁବନେଶ୍ୱର ସହରରେ ପୋଲିସ ଫ୍ଲାଗମାର୍ଚ୍ଚର ଆବଶ୍ୟକତା ପଡିଥିଲା। ରାଜ୍ୟରେ ସେହିଦିନ ଡ଼ଜନେ ମୁଣ୍ଡ ଗଡିଥିଲା। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳୁଛି। ଜୁନ ମାସରେ ବାଲେଶ୍ୱରରେ, ଅଗଷ୍ଟ ମାସରେ ଖୋର୍ଦ୍ଧା ଜିଲ୍ଲାର ମୁକୁନ୍ଦପ୍ରସାଦ ଠାରେ ଓ ସେପ୍ଟେମ୍ବର ମାସରେ ଭଦ୍ରକ ଓ ଧାମନଗରରେ ସାମ୍ପ୍ରଦାୟିକ ହିଂସା ଦୃଶ୍ୟମାନ ହୋଇଥିଲା। ରାଜ୍ୟରେ ଏପରି ଘଟଣା ବିରଳ ଥିଲା। ବିଜେପି କ୍ଷମତାସୀନ ହେବା ପରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି।



ଶ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ହିଂସାକୁ ନେଇ ରାଜ୍ୟ ଉଠୁଛି ପଡୁଛି। ରାଜ୍ୟ ସରକାରଙ୍କ ଗୃହ ବିଭାଗର ତଥ୍ୟ ଅନୁଯାୟୀ ୨୦୨୪ ମସିହାରେ ୩୦୫୪ଟି ଦୁଷ୍କର୍ମ ହୋଇଛି ଯାହା ପୂର୍ବ ବର୍ଷ ତୁଳନାରେ ଢେର ଅଧିକ। ୨୦୨୩ ମସିହାରେ ୨୮୨୬ ଗୋଟି ଦୁଷ୍କର୍ମ ହୋଇଥିଲା। ସେହିପରି ରାଜ୍ୟ ସରକାରଙ୍କ ଶ୍ୱେତପତ୍ରର ତଥ୍ୟ ଅନୁଯାୟୀ ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ପାଇ ଚାଲୁଥିବା ବେଳେ ମାତ୍ର ଚାରିରୁ ପାଞ୍ଚ ପ୍ରତିଶତ କେସରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରା ଯାଉଛି। ତେଣୁ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ନାହିଁ।

ରାଜ୍ୟରେ ପ୍ରଶାସନ ଓ ସରକାରଙ୍କ ଭିତରେ ସାମଞ୍ଜସ୍ୟ ନାହିଁ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ। ଏହି ବିଭାଗରେ ଚଳିତ ବର୍ଷ ପାଇଁ ପ୍ରାବଧାନ କରାଯାଇଥିବା ଅର୍ଥରୁ ମାତ୍ର ୨୩. ୦୭ ପ୍ରତିଶତ ୨୫ ମାର୍ଚ୍ଚ ୨୦୨୫ ସୁଦ୍ଧା ଖର୍ଚ୍ଚ କରାଯାଇ ପାରିଛି। ଏହି ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିବା ବେଳେ ପ୍ରାବଧାନ ହୋଇଥିବା ୨୪୬ କୋଟି ଅର୍ଥରୁ ମାତ୍ର ୫୭ କୋଟି ଟଙ୍କା ଖର୍ଚ୍ଚ ହୋଇ ପାରିବା ନିଶ୍ଚିତ ଭାବେ ମୁଖ୍ୟମନ୍ତ୍ରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ହ୍ୱାଇଟ ପେପର ପ୍ରକୃତରେ ରାଜ୍ୟ ପାଇଁ ବ୍ଲାକ ପେପର ହୋଇଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# ରଙ୍ଗେଇଲୁଣ୍ଡା ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରସ୍ତାବ ମିଳିନି

■ ଭୁବନେଶ୍ୱର, ତା୨୬।୩(ପିଏନଏସ) ଓଡ଼ିଶା ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡାଠାରେ ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରତିଷ୍ଠା ଲାଗି କୌଣସି ପ୍ରସ୍ତାବ ଭାରତ ସରକାରଙ୍କୁ ମିଳିନାହିଁ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଇ ରାଜ୍ୟସଭାରେ କହିଛନ୍ତି। ଓଡ଼ିଶା ସରକାର କିମ୍ବା ଅନ୍ୟ କୌଣସି ଏୟାରପୋର୍ଟ ଡେଭଲପରଙ୍କ ଠାରୁ ସିଏଫଏ ପଲିସି ଅଧିନରେ ରଙ୍ଗେଇଲୁଣ୍ଡା ଗ୍ରୀନଫିଲ୍ଡ ଏୟାରପୋର୍ଟ ଲାଗି ମିଳିନଥିବା ସେ କହିଛନ୍ତି।

ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଦେଶରେ ନୂତନ ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରତିଷ୍ଠା ଲାଗି ଭାରତ ସରକାର ଗ୍ରୀନଫିଲ୍ଡ ଏୟାରପୋର୍ଟ ପଲିସି-୨୦୦୮ କାର୍ଯ୍ୟକାରୀ କରିଛନ୍ତି। ଏହି ନୀତି ଅନୁଯାୟୀ କୌଣସି ସ୍ଥାନରେ ରାଜ୍ୟ ସରକାର କିମ୍ବା କୌଣସି ଏୟାରପୋର୍ଟ ଡେଭଲପର୍ସ ଗ୍ରୀନଫିଲ୍ଡ ଏୟାରପୋର୍ଟ କରିବାକୁ ଚାହିଁଲେ ଜାଗା ଚିହ୍ନଟ କରି ଏହାର ସର୍ବେକ୍ଷଣ ରିପୋର୍ଟ ସହ ପ୍ରସ୍ତାବ ଭାରତ ସରକାରଙ୍କୁ ପ୍ରଦାନ କରିବେ। ଭାରତ ସରକାର ନୀତିଗତଭାବେ ଅନୁମୋଦନ ଦେବା ପରେ ସେଠାରେ ଏହି ଗ୍ରୀନଫିଲ୍ଡ ଏୟାରପୋର୍ଟ ହୋଇପାରିବ। ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡାରେ ବିମାନ ବନ୍ଦର କରିବା ନେଇ ଏଭଳି କୌଣସି ପ୍ରସ୍ତାବ ମିଳିନଥିବା ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖ ଥାଉକି, ରାଜ୍ୟରେ ପାରାଦୀପରେ ଗ୍ରୀନଫିଲ୍ଡ ବିମାନ ବନ୍ଦର ସହିତ ଜୟପୁର, ରଙ୍ଗେଇଲୁଣ୍ଡା, ରାଇରଙ୍ଗପୁର, ଜମାଦାରପଲ୍ଲୀ ଓ ତୁଷୁରାରେ ବିମାନ ବନ୍ଦର ଉନ୍ନତିକରଣ ପାଇଁ ସରକାର ଘୋଷଣା କରିଛନ୍ତି।

ରାଜ୍ୟ ସରକାର ବିଲଡିଂ ମ୍ୟାନେଜମେଣ୍ଟ ଅଫ୍ ଆଭିଏସନ ଆସେଟ ଆଣ୍ଡ ନେଟୱାର୍କ (ବି-ମାନ) ଯୋଜନାରେ ଏହିସବୁ ବିମାନ ବନ୍ଦରର ଉନ୍ନତିକରଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡାରେ ଗ୍ରୀନଫିଲ୍ଡ ଏୟାରପୋର୍ଟ ପାଇଁ କୌଣସି ପ୍ରସ୍ତାବ ଓଡ଼ିଶା ସରକାର ଦେଇନଥିବା ଡକ୍ଟର ସସ୍ମିତ ପାତ୍ରଙ୍କ ପ୍ରଶ୍ନର ଉତ୍ତରରୁ ସ୍ପଷ୍ଟ ହୋଇଛି।

# କେନ୍ଦୁପତ୍ର ତୋଳାଳିଙ୍କୁ ୫୨.୬୩ କୋଟିର ଲାଭାଂଶ

■ ଭୁବନେଶ୍ୱର, ତା୨୬।୩(ପିଏନଏସ) କେନ୍ଦୁପତ୍ର ହିତାଧିକାରୀ ମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳି ମାନଙ୍କ ପାଇଁ ଶତକଡା ୨୫ ହାରରେ ୫୨.୬୩ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ୮,୫୯,୪୪୯ ଜଣ ତୋଳାଳୀଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସେ କହିଛନ୍ତି ଯେ ୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ଆମ ସରକାର ଘୋଷଣା କରିଛନ୍ତି। ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି।

# ଭିଏଲଏସଆରଏମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

■ ବାଲେଶ୍ୱର ,ତା୨୬।୩ (ପିଏନଏସ) ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ ପରିସରସ୍ଥ ୩ ନମ୍ବର ଲଞ୍ଚ ପ୍ୟାଡରୁ ମଧ୍ୟାହ୍ନ ୧୨ଟାରେ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର (ଭିଏଲଏସଆରଏମ) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଯାଇଛି।

ଡିଆରଡିଓ ଓ ବାୟୁସେନାର ମିଳିତ ସହଯୋଗରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ ଦୂରତା ୮୦ କିଲୋମିଟର ଥିବାବେଳେ ଡିଆରଡିଓ ଓ ନୌସେନା ତରଫରୁ କରାଯାଇଥିବା ପରୀକ୍ଷଣ ସଫଳ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏହି କ୍ଷେପଣାସ୍ତ୍ର ଦ୍ରୁତଗାମୀ ବେଗ ସମ୍ପନ୍ନ ଏକ ଆରିଏଲ୍ ଟାର୍ଗେଟକୁ ଭେଦ କରିଥିଲା। ଅଳ୍ପ ଉଚ୍ଚତାରେ ଥାଇ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବା ସହ ପରୀକ୍ଷାର ସମସ୍ତ ପାରାମିଟରକୁ ଛୁଇଁ ପାରିଥିଲା। ପରୀକ୍ଷଣ ସଫଳ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପରୀକ୍ଷଣ ଟିମକୁ ସାଧୁବାଦ ଜ୍ଞାପନ କରିଛନ୍ତି। କ୍ଷେପଣାସ୍ତ୍ର ପରୀକ୍ଷା କରାଯିବା ପରୀକ୍ଷଣ ସ୍ଥଳରୁ ସାଢ଼େ ଦୁଇ କିଲୋମିଟର ପରିଧି ଅଞ୍ଚଳର ୩୨୦୦ ଲୋକଙ୍କୁ ଅସ୍ଥାୟୀ ସ୍ଥାନାନ୍ତର କରାଯାଇଥିଲା।

# ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ଦୁଇ ଦିନିଆ ଜାତୀୟ ସେମିନାର ଉଦଘାଟିତ



■ ଭୁବନେଶ୍ୱର, ତା୨୬।୩(ପିଏନଏସ) ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଭାରତୀୟ ଜ୍ଞାନ ପ୍ରଣାଳୀ: ବୈଦିକ ଦୃଷ୍ଟିକୋଣ ଉପରେ ଦୁଇ ଦିନିଆ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଧର୍ମେନ୍ଦ୍ର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ, ବିଭାଗର ମୁଖ୍ୟ ଡକ୍ଟର ମନୋରଞ୍ଜନ ସେନାପତି ମହାସମାବେଶକୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟ ଅତିଥି ବିଷ୍ଣୁ ପ୍ରସାଦ ସାହୁ ଭାରତର ସମୃଦ୍ଧ ବୈଦିକ ଐତିହ୍ୟ ପ୍ରଫେସର ପ୍ରତିଭା ମଞ୍ଜରୀ ରଥ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

ଡକ୍ଟର ବ୍ରଜ ସୁନ୍ଦର ମିଶ୍ର, ଡକ୍ଟର ନିରଞ୍ଜନ ସବର ଏବଂ ଡକ୍ଟର ସୁଶାନ୍ତ ପ୍ରଧାନଙ୍କ ସମେତ ବିଭାଗର ଅଧ୍ୟାପକମାନେ ସେମିନାରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡକ୍ଟର ମନୋରଞ୍ଜନ ସେନାପତିଙ୍କ ଦ୍ୱାରା ସମ୍ପାଦିତ "ତତ୍ତ୍ୱବୋଧ" ନାମକ ଏକ ପୁସ୍ତକକୁ ସମ୍ମାନିତ କରାଯାଇଥିଲା। ଏହି ସେମିନାରଟି ରୁସା-୨.୦ ଦ୍ୱାରା ପ୍ରାୟୋଜିତ ଏବଂ ରବିବାର ଅଫଲାଇନ୍ ଏବଂ ଅନଲାଇନ୍ ଉଭୟ ମୋଡରେ ପେପର ଉପସ୍ଥାପନା ସହିତ ଶେଷ ହେବ।

# ବୀର କିଶୋରଙ୍କ ସ୍ମୃତିଚାରଣ ସଭା

■ କିଶନନଗର,ତା୨୬।୩(ପିଏନଏସ) ବିଶିଷ୍ଟ ରାଜନୀତିଜ୍ଞ, ବରିଷ୍ଠ କଂଗ୍ରେସ ନେତା ସ୍ୱର୍ଗତ ବୀର କିଶୋର ପରିଡ଼ାଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା କଟକ ସଦର ଅନ୍ତର୍ଗତ ସାଇଁ ପୋରୁଆଁ (ଇସାଣୀବ୍ରହ୍ମପୁର) ରେ ଅନୁଷ୍ଠିତ ହୋଇଯାଇଛି।

କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପ୍ରତାପ ଜେନା, ଚନ୍ଦ୍ରସାରଥି ବେହେରା, କିଶୋରନଗର କଲେଜ୍ ଅଧ୍ୟକ୍ଷ ପ୍ରେମାନନ୍ଦ ମୁଦୁଲି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରତ୍ନାକର ବେହେରା, ଯାଦବ ସଂଘ ନେତା ଅଶୋକ ବେହେରା, ଯୁବ ସମାଜସେବୀ ଏସପି ଆଶିଷ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ସରପଞ୍ଚ ସୁଶାନ୍ତ ସେଠୀ, ରାଜ୍ୟ ତଥା ଜିଲ୍ଲା କଂଗ୍ରେସର ନେତୃମଣ୍ଡଳୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜିବୀ ଯୋଗ ଦେଇଥିଲେ।

# ପୂର୍ବତଟ ରେଳ ଜୋନ ମହାପ୍ରବନ୍ଧକଙ୍କୁ ସିପିଆଇ(ଏମ୍) ର ସ୍ମାରକପତ୍ର

■ ଭୁବନେଶ୍ୱର,ତା୨୬।୩(ପିଏନଏସ): ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ତରଫରୁ ଏକ ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ପୂର୍ବତଟ ରେଳବାଇ ଜୋନ୍ର ମହା ପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଙ୍କ ରେଳ ସଦନରେ ସାକ୍ଷାତ କରି କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସିପିଆଇ(ଏମ୍) ତରଫରୁ କୁହାଯାଇଛି ଯେ ୧୯୯୬ ମସିହାରେ ପୂର୍ବତଟ ରେଳବାଇ ଜୋନ୍ ଭୁବନେଶ୍ୱରରେ ମୁଖ୍ୟଦପ୍ତର ଥାଇ ପ୍ରତିଷ୍ଠା ହେବା ପରଠାରୁ ଭାରତର ୧୮ଟି ରେଳଜୋନ୍ ମଧ୍ୟରେ ବ୍ୟବସାୟ କାରବାର ଦୃଷ୍ଟିରୁ ଏହି ଜୋନ୍ ଲାଭଜନକ ହେବା ସହ ସମସ୍ତ ରେଳଜୋନ୍ ମଧ୍ୟରେ ଅଗ୍ରଣୀ ଜୋନ୍ ଭାବେ ପରିଗଣିତ ହୋଇ ଆସିଛି। ଦେଶରେ ୯ଟି ରେଳବାଇ ଜୋନ୍ ହୋଇଥିଲା। ରେଳଜୋନ୍ ଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ରାଜ୍ୟ ପାଇଁ ହୋଇନଥିଲା। ଏହା ଏକାଧିକ ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଥିଲା।



ଭୁବନେଶ୍ୱରରେ ମୁଖ୍ୟଦପ୍ତର ଥିବା ଇଷ୍ଟକୋଷ୍ଟ ରେଳବାଇ ଜୋନର ୪୫୦ କି.ମି ରେଳପଥ ଯେଉଁଥିରେ ବିଜୟନଗରମ୍, ବିଶାଖାପାଟଣା ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ଇସ୍ପାତ ନଗରୀ, ବନ୍ଦର ଓ କର୍ପୋରେଟ୍ ଅଫିସ୍ମାନ ରହିଛି। ଏହି ରେଳପଥ ମଧ୍ୟଦେଇ ବାର୍ଷିକ୧୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଜସ୍ୱ ଆୟ କରୁଥିବା ଅଞ୍ଚଳ ବାଦ୍ ପଡ଼ିଛି। ୭୫% କର୍ମଚାରୀ ମଧ୍ୟ ପୂର୍ବତଟ ରେଳଜୋନ୍ରୁ ଦକ୍ଷିଣ ତଟ ରେଳବାଇ ଜୋନକୁ ଚାଲିଯିବେ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ବ୍ୟାପକ ରେଳପଥ ଓ ରାଜସ୍ୱ ଆୟକାରୀ ଅଞ୍ଚଳ ଓଡ଼ିଶା ବାହାରେ ଅବସ୍ଥାପିତ ରେଳବାଇ ଜୋନ୍ମାନଙ୍କ ଅଧିନରେ ଅଛି। ଉଦାହରଣ ସ୍ୱରୂପ- ଦକ୍ଷିଣପୂର୍ବ ବା ସାଉଥ୍ ଇଷ୍ଟର୍ଣ୍ଣ ରେଳଜୋନ୍ ଅନ୍ତର୍ଗତ ଚକ୍ରଧରପୁର ରେଳ ଡ଼ିଭିଜନ ମଧ୍ୟରେ ଓଡ଼ିଶାର ଯୋଡ଼ା ଖଣି ଅଞ୍ଚଳ, ବଡ଼ବିଲ ସହର, ବଲାଣୀ ଖାଦାନ, ବନ୍ଧମୁଣ୍ଡା, ରାଉରକେଲା, ରାଜଗାଙ୍ଗପୁର ଠାରୁ ଝାରସୁଗୁଡ଼ା ର୍ଯ୍ୟ ନ୍ତ ରେଳପଥ ଓ ଛତିଶଗଡ଼ର ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ଅନ୍ତର୍ଗତ ବିଳାସପୁର ଡ଼ିଭିଜନ ମଧ୍ୟରେ ଇବ୍, ବେଲପାହାଡ଼ ଓ ବ୍ରଜରାଜନଗର ଅଞ୍ଚଳ ରହିଛି। ଓଡ଼ିଶାର ଉତ୍ତରାଞ୍ଚଳରେ ଥିବା ବାଲେଶ୍ୱର, ମୟୁରଭଞ୍ଜ ଜିଲ୍ଲାରେ ଥିବା ରେଳ ରୁଟ୍କୁ ନେଇ ଏକ ରେଳ ଡ଼ିଭିଜନ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି।

## ବର୍ଦ୍ଧିତ ହାରରେ ଜଣେ ସାଂସଦ କେତେ ଟଙ୍କା ପାଇବେ

| | | |
|---|---|---|
| ମାସିକ ଦରମା | ୧ ଲକ୍ଷ ୨୪ ହଜାର ଟଙ୍କା | (ଥିଲା- ୧ ଲକ୍ଷ ଟଙ୍କା) |
| ନିର୍ବାଚନ ମଣ୍ଡଳୀ ଭତ୍ତା | ୮୭ ହଜାର ଟଙ୍କା | (ଥିଲା- ୭୦ ହଜାର ଟଙ୍କା) |
| କାର୍ଯ୍ୟାଳୟ ଖର୍ଚ୍ଚ | ୭୦ ହଜାର ଟଙ୍କା | (ଥିଲା- ୬୦ ହଜାର ଟଙ୍କା) |
| ଦୈନିକ ବୈଠକ ଭତ୍ତା | ୨୫ଶହ ଟଙ୍କା | (ଥିଲା- ୨ ହଜାର ଟଙ୍କା) |
| ଏକକାଳୀନ ଆସବାବପତ୍ର ଖର୍ଚ୍ଚ | ୧ ଲକ୍ଷ ୨୫ ହଜାର ଟଙ୍କା | (ଥିଲା- ୧ ଲକ୍ଷ ଟଙ୍କା) |
| ମାସକୁ ମୋଟ ମିଳିବ | ୨ ଲକ୍ଷ ୮୧ ହଜାର ଟଙ୍କା | (ଥିଲା—୨ ଲକ୍ଷ ୩୦ ହଜାର ଟଙ୍କା) |
| ପୂର୍ବତନ ସାଂସଦଙ୍କ ମାସିକ ପେନସନ | ୩୧ ହଜାର ଟଙ୍କା | (ଥିଲା -୨୫ ହଜାର ଟଙ୍କା) |
| ୫ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକାଳରେ ବାର୍ଷିକ | ୨୫ ଶହ ଟଙ୍କା ଅଧିକ | (ଥିଲା- ୨ ହଜାର ଟଙ୍କା) |


**JANA SMALL FINANCE BANK**
(A scheduled commercial bank)

ପଞ୍ଜିକୃତ ଅଫିସ : ଦି ଫେୟାରୱେ, ତଳ ଓ ପ୍ରଥମ ମହଲା, ସର୍ଭେ ନମ୍ବର ୧୦/୧, ୧୧/୨ ଓ ୧୨/୨ବି, ଅଫ ଦୋମଲୁର, କୋରମଙ୍ଗଳା ଇନର ରିଂ ରୋଡ, ଇଜିଏଲ. ବିଜନେସ ପାର୍କ ପରବର୍ତ୍ତୀ, ଛଲାଘାଟ, ବାଙ୍ଗାଲୋର-୫୬୦୦୭୧। ଶାଖା କାର୍ଯ୍ୟାଳୟ : ମିଶ୍ର କମ୍ପ୍ଲେକ୍ସ, ମିଶନ ରୋଡ, ସୁନ୍ଦରଗଡ଼, ଓଡ଼ିଶା।

**ଇ-ଅକ୍ସନ ନୋଟିସ**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ(ସାର୍ଫେସି ଆକ୍ଟ)୨୦୦୨, ଯାହାକୁ ପ୍ରୋଭିଜୋ ରୁଲ ୮ (୬) ଏବଂ ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲସ, ୨୦୦୨ ଭାବେ ପଢ଼ାଯାଇପାରିବ, ସେହି ଅନ୍ତର୍ଗତ।**

ନିମ୍ନସ୍ୱାକ୍ଷରକାରୀ **ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ**ର ପ୍ରାଧିକୃତ ଅଧିକାରୀ ସାର୍ଫେସି ଆକ୍ଟର ଧାରା ୧୩(୪) ଆଧାରରେ ମିଳିଥିବା କ୍ଷମତା ଅନୁଯାୟୀ ନିମ୍ନୋକ୍ତ ସମ୍ପତ୍ତି ଦଖଲକୁ ନେଇଛନ୍ତି। ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉଛି କି ନିମ୍ନ ଆକାଉଣ୍ଟରେ ଉଲ୍ଲେଖ ଥିବା ବନ୍ଧକ ସମ୍ପତ୍ତି ବ୍ୟାଙ୍କର ବକେୟା ପ୍ରାପ୍ୟ ଆଦାୟ ନିମନ୍ତେ "**ଯେଉଁଠି ଅଛି ସେଠାରେ**" ଏବଂ "**ଯାହା ଅଛି ତାହା ଆଧାରରେ**" ନିମ୍ନରେ ଉଲ୍ଲେଖ ଥିବା ତାରିଖରେ **ଅନଲାଇନ ଅକ୍ସନ** (ଇ-ଅକ୍ସନ)ହେବ।

| କ୍ର. ନଂ. | ଲୋନ ଆକାଉଣ୍ଟ ନମ୍ବର | ମୂଳ ଋଣଗ୍ରହୀତା/ ସହ ଋଣଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ୧୩-୨ ନୋଟିସର ତାରିଖ | ଦଖଲ ତାରିଖ | ୨୫.୦୩.୨୦୨୫ ସୁଦ୍ଧା ବର୍ତ୍ତମାନର ବକେୟା | ସମ୍ପତ୍ତିର ଯାଞ୍ଚ ତାରିଖ ଓ ସମୟ | ଭାରତୀୟ ମୁଦ୍ରାରେ ରିଜର୍ଭ ପ୍ରାଇସ | ଭାରତୀୟ ମୁଦ୍ରାରେ ଅମାନତ ଜମା (ଇଏମଡି) | ଇ-ଅକ୍ସନର ତାରିଖ ଓ ସମୟ | ବିଡ ଦାଖଲର ଶେଷ ତାରିଖ, ସମୟ ଓ ସ୍ଥାନ |
|---|---|---|---|---|---|---|---|---|---|---|
| ୧ | ୪୭୧୫୯୬୩୦୦୦୦୭୧୦ | ୧)ଶ୍ରୀ ସୂର୍ଯ୍ୟମଣି ନାୟକ, ୨) ଶ୍ରୀମତୀ ସଚଳା ନାୟକ | ୨୭-୧୧-୨୦୨୩ | ୨୭.୦୧.୨୦୨୫ | ଟ.୩୩, ୧୨., ୬୯୯.୯୪ (ତେତିଶ ଲକ୍ଷ ବାର ହଜାର ଛଅ ଶହ ଅନେଶତ ଟଙ୍କା ଏବଂ ଚଉରାନବେ ପଇସା ମାତ୍ର) | ୧୫.୦୪.୨୦୨୫ ପୂର୍ବାହ୍ନ ୦୯:୩୦ରୁ ଅପରାହ୍ନ ୦୫:୦୦ | ଟ.୧୭,୬୪, ୦୦୦/- (ସତର ଲକ୍ଷ ଚଉଷଠି ହଜାର ଟଙ୍କା ମାତ୍ର) | ଟ.୧,୭୬, ୪୦୦/- (ଏକ ଲକ୍ଷ ଛଅସ୍ତରୀ ହଜାର ଚାରି ଶହ ଟଙ୍କା ମାତ୍ର) | ୨୯.୦୪.୨୦୨୫ ସମୟ : ପୂର୍ବାହ୍ନ ୧୧:୩୦ | ୨୮.୦୪.୨୦୨୫ ଅପରାହ୍ନ ୦୫:୦୦ ପୂର୍ବରୁ ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ଶାଖା ଅଫିସ: ମିଶ୍ର କମ୍ପ୍ଲେକ୍ସ, ମିଶନ ରୋଡ, ସୁନ୍ଦରଗଡ଼, ଓଡ଼ିଶା |

**ବନ୍ଧକ ସମ୍ପତ୍ତି ବିବରଣୀ** : ସେହି ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନମ୍ବର ୧୦୬୭/ ୭୩୨୧, ପ୍ଲଟ ନଂ.୧୧୧୨, ମୌଜା ଝାରସୁଗୁଡ଼ା, ୟୁନିଟ ନମ୍ବର୧, ଏକତାଳି, ଝାରସୁଗୁଡ଼ା-୭୬୮୨୦୨। ଉପରୋକ୍ତ ଭୂ ସମ୍ପତ୍ତି ଆବଦ୍ଧ ଏବଂ **ସୀମାବଦ୍ଧ ରହିଛି ଏହିପରି** : **ପୂର୍ବ** : ନାରାୟଣ ପଟେଲଙ୍କ ଘର, **ପଶ୍ଚିମ** : ପ୍ରକାଶ ସାହୁଙ୍କ ଘର, **ଉତ୍ତର** : ପ୍ଲଟ ନମ୍ବର ୧୧୧୦, **ଦକ୍ଷିଣ** : ରାସ୍ତା।

ସମ୍ପତ୍ତି "**ଯେଉଁଠି ଅଛି ସେଠାରେ**" ଏବଂ "**ଯାହା ଅଛି ତାହା ଆଧାରରେ**" ରହିଛି ଏବଂ ଇ-ଅକ୍ସନ **ଅନଲାଇନ**ରେ ହେବ। ବ୍ୟାଙ୍କର ଅନୁମୋଦିତ ସେବା ଯୋଗାଣକାରୀ **ଏମ/ଏସ ୪ କ୍ଲୋଜର**ଙ୍କ ମାଧ୍ୟମରେ ୱେବ ପୋର୍ଟାଲ https://bankauctions.in ଏବଂ www.foreclosureindia.com ମାଧ୍ୟମରେ ଅକ୍ସନ ହେବ ଅଧିକ ସୂଚନା ଏବଂ ବିବରଣୀ, ସହାୟତା, ପ୍ରୋସିଜିୟୋର ତଥା ଇ-ଅକ୍ସନ ଉପରେ ଅନଲାଇନ ଟ୍ରେନିଂ ନିମନ୍ତେ ଉଦ୍ୟମୀ ବିଡର ମାନେ **ଏମ/ଏସ ୪ କ୍ଲୋଜର ସହ ଯୋଗାଯୋଗ କରିପାରନ୍ତି : ଯୋଗାଯୋଗ : ଶ୍ରୀ ଟି. ଜୟପ୍ରକାଶ ରେଡ୍ଡୀ, ଯୋଗାଯୋଗ ନମ୍ବର** : ୮୧୪୨୦୦୦୦୬୪ **। ଇମେଲ ଆଇଡି** : info@bankauctions.in /prakash@bankauctions.in।

ଇ-ଅକ୍ସନ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅଧିକ ବିବରଣୀ, ସର୍ତ୍ତାବଳୀ ଏବଂ ସମ୍ପତ୍ତି ଉପରେ କୌଣସି ଇନକ୍ୱାରୀ ଥିଲେ **ଜନସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡର ପ୍ରାଧିକୃତ ଅଧିକାରୀ ଶ୍ରୀ ଆଶୁତୋଷ ଗୌତମ(ମୋବାଇଲ ନମ୍ବର ୭୯୯୨୪୮୬୬୬୩) ଶ୍ରୀ ରଞ୍ଜନ ନାୟକ (ମୋବାଇଲ ନମ୍ବର ୬୩୬୨୯୫୧୬୫୩)**ଙ୍କ ସହ ଯୋଗାଯୋଗ କରନ୍ତୁ, ପ୍ରାଧିକୃତ ଅଧିକାରୀଙ୍କ ସମ୍ପୂର୍ଣ୍ଣ ଜ୍ଞାତସାର ଏବଂ ସୂଚନା ଅନୁସାରେ ସମ୍ପତ୍ତି କାହାର ଦଖଲରେ ନାହିଁ। ତେବେ ଆଗ୍ରହର ବିଡରମାନେ ସେମାନଙ୍କ ବିଡ ଦାଖଲ ପୂର୍ବରୁ ନିଜ ଉଦ୍ୟମରେ ସମ୍ପତ୍ତିର ମାଲିକାନା, ଟାଇଟଲ ନେଇ ସ୍ୱାଧୀନ ଅନୁସନ୍ଧାନ କରିପାରନ୍ତି। କୌଣସି ସର୍ତ୍ତମୂଳକ ବିଡ ଗ୍ରହଣ କରାଯିବ ନାହିଁ। ଏହି ନୋଟିସ ମାଧ୍ୟମରେ ଉପରୋକ୍ତ ନାମିତ ଋଣଗ୍ରହୀତା/ ଗ୍ୟାରେଣ୍ଟର/ମର୍ଟଗେଜରଙ୍କୁ ବନ୍ଧକ ସମ୍ପତ୍ତିର ଇ-ଅକ୍ସନ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି। ଏତଦ୍ୱାରା ଋଣଗ୍ରହୀତା/ ଗ୍ୟାରେଣ୍ଟର/ମର୍ଟଗେଜରଙ୍କୁ ନୋଟିସ କରାଯାଉଛି ଯେ, ସେମାନେ ବନ୍ଧକ ସମ୍ପତ୍ତିର ନିର୍ଦ୍ଧାରିତ ଅକ୍ସନ ତାରିଖ ପୂର୍ବରୁ ଉପରେ ଦର୍ଶାଯାଇଥିବା ପରିମାଣ ସହିତ ବର୍ତ୍ତମାନ ସୁଦ୍ଧା ସୁଧ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ପ୍ରଦାନ କରନ୍ତୁ, ଏଥିରେ ବିଫଳ ହେଲେ ସମ୍ପତ୍ତି ବିକ୍ରି କରିଦିଆଯିବ ଏବଂ ବକେୟା ପ୍ରାପ୍ୟ ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

ତାରିଖ : ୨୭.୦୩.୨୦୨୫ , ସ୍ଥାନ : ଝାରସୁଗୁଡ଼ା

ସ୍ୱା/- ପ୍ରାଧିକୃତ ଅଧିକାରୀ, ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ